# Akashvani, Sambalpur

## SAMBALPURI NEWS EVENING BULLETIN

## 15 April 2024- 7.02 pm- 7.12 pm.

*********************************************

୧- ଦେଶେ ଇଥର ସ୍ୱାଭାବିକ୍‌ନୁ ଅଏତ୍‌କା ବର୍ଷା ହେବା- କହେଲେ କେନ୍ଦ୍ର ଭୂ-ବିଜ୍ଞାନ୍ ମନ୍ତ୍ରଣାଲୟର୍ ସଚିବ ।

୨- ସାଧାରଣ୍ ନିର୍ବାଚନ୍‌କେ ସ୍ୱଚ୍ଛ କର୍‌ବାର୍ ଅଭିଯାନ୍‌ଥି ଦେଢ୍‌ମାସ୍ ଭିତ୍‌ରେ ୪ ହଜାର୍ ୬ ଶହ ୫୦ କୋଟିନୁ ଅଏତ୍‌କା ଟଙ୍କାର୍ ନଗଦ୍ ଆର୍ ବେଆଇନ୍ ଦରବ୍ ଜବତ୍ ।

୩- ଗ୍ରୀଷ୍ମପ୍ରବାହ ସମିଆଥି ଦିନର୍ ୧୧ ନୁ ୩ ବଜେତକ୍ ଶ୍ରମିକ୍‌ମାନ୍‌କୁ ବାହାରେ କାମ୍ କରାଲେ ନିଆଯିବା କାର୍ଯ୍ୟାନୁଷ୍ଠାନ୍ ।

ଆଉର୍

୪- ଆଇଆଇଟି ଭୁବ୍‌ନେଶ୍ୱର୍ ନ ୨ଟା ଏମ୍.ଟେକ୍ ଡିଗ୍ରୀ ସହେତେ ମୂଲ୍ ହେବା ଅନେକ୍ ନୂଆଁ ପାଠ୍ୟକ୍ରମ୍ ।

ବର୍ଷା     ଆର୍‌ଏନ୍‌ୟୁ/ ସମ୍ବଲପୁର/ଏନ୍‌ଏସ୍‌ଡି

ଇ ବଛରର୍ ମୌସୁମୀ ଋତୁ ନ ଦେଶେ ସ୍ୱାଭାବିକ୍‌ନୁ ଅଏତ୍‌କା ବର୍ଷା ହେବା ବଲି ଭୂ-ବିଜ୍ଞାନ୍ ମନ୍ତ୍ରଣାଲୟର୍ ସଚିବ ଡକ୍ଟର୍ ଏମ୍. ରବିଚନ୍ଦ୍ରନ୍ କହିଛନ୍ । ଇଟା ଚାଷୀମାନ୍‌କର୍ ଲାଗି ଖୁସିର୍ ଖବର୍ । ଦକ୍ଷିଣ ପଶ୍ଚିମ ମୌସୁମୀର ପୂର୍ବାନୁମାନ୍ ବାବ୍‌ଦେ ଆଏଜ୍ ନୂଆଦିଲ୍ଲୀ ଠାନେ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ସେ କହିଛନ୍ ଯେ, ଆଏବା ଜୁନ୍ ନୁ ସେପ୍ଟେମ୍ବର୍ ମାସ୍‌ତକ୍ ଲମ୍ବା ସମିଆର୍ ଲାଗି ଭଲ୍ ବର୍ଷା ହେବା ।

ଭାରତୀୟ ପାଣିପାଗ୍ ବିଭାଗ୍‌ର ମହାନିର୍ଦ୍ଦେଶକ୍ ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ର ଆଏଜ୍ ଇ ସାମ୍ବାଦିକ୍ ସମ୍ମିଳନୀଥି କହିଛନ୍ ଯେ,  ଇ ବଛର୍ ଦେଶେ ସ୍ୱାଭାବିକ୍‌ନୁ ଅଏତ୍‌କା ବର୍ଷା ହେବାର୍‌କେ ଥିବାର୍ ବେଲେ ଓଡ଼ିଶା ବାଗିର୍ କେତେଟା ରାଜ୍ୟ ନ ସ୍ୱାଭାବିକ୍‌ନୁ କମ୍ ବର୍ଷା ହେବା ।

(ଭଏସ୍ ଓଭର୍- ମୃତ୍ୟୁଞ୍ଜୟ ମହାପାତ୍ର)

ଡକ୍ଟର୍ ମହାପାତ୍ର ଇ ବଛରର୍ ଲାଗି ଦୀର୍ଘମିଆଦୀ ଆକଲନ୍ ବାବ୍‌ଦେ ସୂଚନା ଦେଇଛନ୍ । ଇ ବଛର୍ ମୌସୁମୀ ଋତୁ ନ ଆଏବା ଜୁନ୍ ନୁ ସେପ୍ଟେମ୍ବର୍ ମାସ୍‌ତକ୍ ଦେଶେ ଶହେ ୬ ପ୍ରତିଶତ୍ ବର୍ଷା ହେବା । ସାରା ଦେଶେ ୮୭ ସେଂଟିମିଟର୍‌ନୁ ଅଏତ୍‌କା ବର୍ଷା ହେବାର୍ ଅନୁମାନ୍ କରାଯାଇଛେ । ହେଲେ

ଓଡ଼ିଶା ସହେତେ ଝାଡ଼ଖଣ୍ଡ୍ ଆଉ ପଶ୍ଚିମବଙ୍ଗ୍ ନ ନିଅଂଟିଆ ବର୍ଷା ହେବା ।

ମୌସୁମୀ ଋତୁ ମୁଲ୍ ହେଲା ବେଲ୍‌କେ ଏଲ୍‌ନିନୋ ଦୁର୍ବଲ୍ ହେବା । ହେଲେ ଆଏବା ଅଗଷ୍ଟ ମାସ୍ ବେଲ୍‌କେ ଲାନିନା କଣ୍ଡିସନ୍ ରହେଲେ ଭଲ୍ ବର୍ଷା ହେବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

୧୯୫୪ ନୁ ୨୦୨୩ ଭିତ୍‌ରେ ୯ ଥର୍ ଇନ୍ତା ଥିତି ଆସିଛେ । ଇ ସମିଆଥି ୨ ବରସ୍ ସ୍ୱାଭାବିକ୍ ନୁ ଅଏତ୍‌କା ବର୍ଷା ରେକର୍ଡ଼୍ ହେଇଛେ । ୫ ବରସ୍ ସବୁଠାନୁ ଅଏତ୍‌କା ବର୍ଷା ରେକର୍ଡ଼୍ କରାଯାଇଥିବାର୍ ବେଲେ ୨ ଥର୍ ସ୍ୱାଭାବିକ୍ ବର୍ଷା ହେଇଛେ । ଗଲା ୨୨ ବରସ୍ ହେଲା ଏଲ୍‌ନିନାର ଜୋର୍ ରହିଛେ । ଇ ବରସ୍ ମାନ୍‌କେ ସ୍ୱାଭାବିକ୍‌ନୁ ଅଏତ୍‌କା ବର୍ଷା ରେକର୍ଡ଼୍ କରାଯାଇଛେ । ହେଲେ ଇ ବଛର୍ ମୌସୁମୀ କେଭେ କେରଳ ଛୁଇଁବା, ଆଏବା ମାସେ ଆକଲନ୍ କରାଯିବା ବଲି ଭାରତୀୟ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।

ଭାରତ୍‌ର ନିର୍ବାଚନ୍ ଆୟୋଗ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଚଲ୍‌ତି ସାଧାରଣ୍ ନିର୍ବାଚନ୍‌କେ ସ୍ୱଚ୍ଛ, ଅବାଧ ଆଉ ମୁକ୍ତ ଭାବେ ପରିଚାଳନା କର୍‌ବାର୍ ଲାଗି ଭାରତ୍‌ର ନିର୍ବାଚନ୍ ଆୟୋଗ  ଜୋର୍ ଦେଇଛନ୍ । ଭୋଟରମାନ୍‌କୁ ପ୍ରଲୋଭନ କର୍‌ବାର୍ ଲାଗି ବେଆଇନ୍ ଭାବେ ଟଙ୍କା, ମାଦକ ଦ୍ରବ୍ୟ ହେଉଥିବା ଚାଲାଣ୍‌କେ ରୁକ୍‌ବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍  ପ୍ରବର୍ତନକାରୀ ସଂସ୍ଥାମାନ୍‌କର୍ କଡାକଡି ଯାଂଚ କରୁଛନ୍ ।

ଇ ଖାସ୍ ଅଭିଯାନଥି ଗଲା ମାର୍ଚ୍ଚ ମାସ ୧ ତାରିଖ୍‌ନୁ ଏପ୍ରିଲ୍ ୧୩ ତାରିଖ୍ ଭିତ୍‌ରେ ୪ ହଜାର୍ ୬ ଶହ ୫୦କୋଟିନୁ ଅଏତ୍‌କା ଟଙ୍କାର୍ ବେଆଇନ୍ ଦରବ୍ ଜବତ୍ କରାଯାଇଛେ । ଇଥି ନଗଦ୍ ଟଙ୍କା, ମାଦକଦ୍ରବ୍ୟ ଆର୍ ଭିନ୍ ଭିନ୍ ପ୍ରକାର୍‌ର ଲୋଭନୀୟ ଉପହାର ରହିଛି । ଖାଲି ଓଡିଶା ନ  ଶହେ ୭ କୋଟିନୁ  ଅଏତ୍‌କା ଟଙ୍କାର୍ ବେଆଇନ୍ ଟଙ୍କା, ମାଦକ ଦ୍ରବ୍ୟ ଜବତ୍ ହେଇଥିବାର୍ ନିର୍ବାଚନ ଆୟୋଗଙ୍କର୍ ତର୍‌ଫୁ ସୂଚ୍‌ନା ମିଳିଛି ।

ଗଲା ୨୦୧୯ ମସିହା ସାଧାରଣ ନିର୍ବାଚନଥି ମୋଟ୍ ୩ ହଜାର ୪ଶହ ୭୫ କୋଟି ଟଙ୍କାର ନଗଦ ଟଙ୍କା ଆର୍ ଦରବ୍ ଜବତ ହେଇଥିଲା । ହେଲେ ଇ ସାଧାରଣ ନିର୍ବାଚନ୍ ସରି ନାଇଁଥିବାର୍ ବେଲେ ଏତେ ପରିମାଣ୍‌ର ସାମାନ୍ ଆର୍ ଟଙ୍କା ଜବତ୍ ହେବାର୍ ଘଟ୍‌ନା ୭୫ ବଛର୍ ଇତିହାସଥି ରେକର୍ଡ ସୃଷ୍ଟି କରିଛେ ବଲି ନିର୍ବାଚନ ଆୟୋଗ କହିଛନ୍ । ଆଏବା ଦିନେ ଏନ୍ତା ଯାଂଚ ଜାରି ରଖ୍‌ବାର୍ ଉପ୍‌ରେ ଆୟୋଗ ଜୋର୍ ଦେଇଛନ୍ ।

ସୂଚ୍ନା ଅନ୍ସାରେ,  ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍ ମାନ୍କର୍ ଭିନ୍ ଭିନ୍ ଜାଗା ନ ଗାଡ଼ିମଟର୍ ଯାଂଚ ବେଲେ ନଗଦ ୩ ଶହ ୯୫ କୋଟି ୩୯ ଲାଖ୍  ଟଙ୍କା ଜବତ୍ ହେଇଥିଲା । ସେନ୍ତା ୪ ଶହ ୮୯ କୋଟି ୩୧ ଲକ୍ଷ ଟଙ୍କାର୍ ମଦ, ୨ହଜାର ୬୮ କୋଟି ୮୫ଲକ୍ଷ ଟଙ୍କାର ଡ୍ରଗ୍ସ ଜବତ ହେଇଛେ । ଇତାର୍ସହେତେ ୫ ଶହ ୬୨କୋଟି ୧୦ ଲାଖ୍ ଟଙ୍କାର୍ ସୁନା, ରୂପା ଆଉ ହୀରା ବାଗିର୍ ମୂଲ୍ୟବାନ ଧାତୁ ଆର୍ ୧ ହଜାର  ଶହେ ୪୨ କୋଟି ୪୯ ଲାଖ୍ ଟଙ୍କାର ମୂଲ୍ୟବାନ ଉପହାର ଭିଲ୍ ପ୍ରବର୍ତ୍ତନକାରୀ ସଂସ୍ଥାମାନେ ଜବତ କରିଛନ୍ ।

ଗ୍ରୀଷ୍ମପ୍ରବାହ- ଶ୍ରମ ନିଘଂଟ            ଆର୍ଏନ୍ୟୁ/ ସମ୍ବଲପୁର

ଜବର୍ ଖରାଥି ଶ୍ରମିକ୍ମାନ୍କୁ କାମ୍ କରାଲେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍ କହିଛନ୍ । ଗ୍ରୀଷ୍ମପ୍ରବାହଥି ଦିନର୍ ୧୧ ବଜେନୁ ୩ ବଜେ ଭିତ୍ରେ ଶ୍ରମିକ୍ମାନ୍କୁ ବାହାରେ କାମ୍ କରାବାର୍କେ ମନା କରାଯାଇଛେ । ଇ ନିର୍ଦ୍ଦେଶ୍ ଉଲ୍ଲଂଘନ୍ କଲେ ସମ୍ପୃକ୍ତ ସଂସ୍ଥା ଆଉ ଅଧିକାରୀଙ୍କର୍ ବିପର୍ଯ୍ୟୟ ପରିଚାଳନା ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଇ

ବାବ୍‌ଦେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସବୁ ଜିଲ୍ଲାପାଲ୍‌ମାନ୍‌କୁ ଅବଗତ କରେଇଥିବାର୍ ଜନାପଡ଼ିଛେ ।

ପୁଲିସ୍ ଡିଜି ସମୀକ୍ଷା ହିନ୍ଦୁସ୍ଥାନ୍ ସମାଚାର୍

ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ କୁମାର୍ ଷଡ଼ଙ୍ଗୀ ଆଏଜ୍ ମାଲ୍‌କାନ୍‌ଗିରି ଜିଲ୍ଲା ସ୍ୱାଭିମାନ୍ ଅଂଚଲ୍‌ର ଥିତି ବାବ୍‌ଦେ ଉଚ୍ଚସ୍ତରୀୟ ପୁଲିସ୍ ଅଧିକାରୀମାନ୍‌କର୍ ସାଙ୍ଗେ ସମୀକ୍ଷା କରିଛନ୍ । ସୁରକ୍ଷାକେ ନଜର୍‌ଥି ରଖିକରି ସ୍ୱାଭିମାନ୍ ଅଂଚଲ୍‌ର ଲୁକ୍‌କର୍ ଲାଗି ସେମାନ୍‌କର୍ ଗାଁ ନ ଭୋଟ୍ ଦେବାର୍ ବ୍ୟବସ୍ଥା କରାଯାଇଛେ । ସ୍ୱାଭିମାନ୍ ଅଂଚଲ୍‌ର ବୁଥ୍ ଅଲ୍‌ଗା ଜାଗାକେ ନାଇଁ ନିଆଯାଏ । ହେଲେ ମାଓବାଦୀ ମୁକାବିଲାର୍ ଲାଗି ଖାସ୍ ରଣନୀତି ତିଆର୍ କରାଯାଇଛେ ବଲି ସେ କହିଥିଲେ । ବୈଠକ୍‌ଥି ଗୁଇନ୍ଦା ନିର୍ଦ୍ଦେଶକ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ- ଗୁଇନ୍ଦା, ଦକ୍ଷିଣ ପଶ୍ଚିମାଂଚଲ୍ ଆର୍ ବିଏସ୍‌ଏଫ୍ ଡିଆଇଜି ଙ୍କର୍ ସହେତେ କୋରାପୁଟ, ନବରଙ୍ଗ୍‌ପୁର, ରାୟଗଡ଼ା ଆର୍ ମାଲ୍‌କାନ୍‌ଗିରି ଜିଲ୍ଲାର୍ ଏସ୍.ପି.ମାନେ ଉପସ୍ଥିତ୍ ଥିଲେ ।

କଂଗ୍ରେସ୍ ବିଧାୟକ୍ ସସ୍‌ପେଣ୍ଡ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଜଟ୍‌ଣୀ ବିଧାୟକ୍ ସୁରେଶ୍ କୁମାର୍ ରାଉତରାୟଙ୍କୁ କଂଗ୍ରେସ୍ ପାର୍ଟିନୁ ୬ ବଛର୍ ଲାଗି ବହିଷ୍କାର୍ କରାଯାଇଛେ । ଅଖିଲ୍ ଭାରତୀୟ କଂଗ୍ରେସ୍ କମିଟି ତର୍ଫୁ ଆଏଜ୍ ଜାରି ଗୁଟେ ବିଜ୍ଞପ୍ତିଥି ବିଶୃଙ୍ଖଳା ଆଚରଣ୍ ଆର୍ ଦଲବିରୋଧୀ କାର୍ଯ୍ୟ ଲାଗି ତାଙ୍କର୍ ଉପ୍‌ରେ ଇ କାର୍ଯ୍ୟାନୁଷ୍ଠାନ୍ ନିଆଯାଇଥିବାର୍ କୁହାଯାଇଛେ ।

ଆଇଆଇଟି- ଭୁବ୍‌ନେଶ୍ୱର୍ ପି.ଆଇ.ବି.

ଭାରତୀୟ ବୈଷୟିକ ସଂସ୍ଥାନ୍- ଆଇଆଇଟି ଭୁବ୍‌ନେଶ୍ୱର୍ ଇ ବଛର୍ କେତେଟା ନୂଆଁ ପାଠ୍ୟକ୍ରମ୍ ମୂଲ୍ କର୍‌ବା । ବୈଷୟିକ ଜ୍ଞାନ୍ କୌଶଲ୍‌ର ବିକାଶ୍ ଆଉ ଶିଳ୍ପ ସଂସ୍ଥାମାନ୍‌କର୍ ଚାହିଦାକେ ନଜର୍‌ଥି ରଖିକରି ଏଡ଼ଭାନ୍ସ ମେଂଟେନେନ୍ସ ଟେକ୍ନୋଲୋଜି ଉପ୍‌ରେ ଇଂଟର୍ ଡିସିପ୍ଲିନେରୀ ଏମ୍.ଟେକ୍. ଡିଗ୍ରୀ ପାଠ୍ୟକ୍ରମ୍ ମୁଲ୍ ହେବା । ହେନ୍ତା ସେମିକଣ୍ଡକ୍ଟର୍ ଟେକ୍ନୋଲୋଜି ଆଉ ଚିପ୍ ଡିଜାଇନ୍ ବାବ୍‌ଦେ ନିୟମିତ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଗୁଟେ ପାଠ୍ୟକ୍ରମ୍ ଆଇଆଇଟି- ଭୁବ୍‌ନେଶ୍ୱର୍ ନ ମୁଲ୍ କରାଯିବା । ନୂଆଁ ଏମ୍‌ଟେକ୍ ପାଠ୍ୟକ୍ରମ୍‌ଥି ଶିଳ୍ପସଂସ୍ଥାମାନ୍‌କେ କାର୍ଯ୍ୟରତ

ଇଞ୍ଜିନିୟର୍‌ମାନ୍‌କୁ ପ୍ରଶିକ୍ଷଣ୍ ଆଉ ଶିକ୍ଷାଦାନ୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇଂଟର୍ ଡିସିପ୍ଲିନେରୀ ଏମ୍.ଟେକ୍. ଡିଗ୍ରୀ ପାଠ୍ୟକ୍ରମ୍‌ଥି ମେକାନିକାଲ୍, ସିଭିଲ୍, ଇଲେକ୍ଟ୍ରିକାଲ୍, ମେଟାଲୋଜିକାଲ୍ ଆର୍ ମେଟେରିଆଲ୍ ଇଞ୍ଜିନିୟରିଂର ସମ୍ମିଶ୍ରଣ ସହେତେ ମେଂଟେନେନ୍ସ ଇସୁ ଉପ୍‌ରେ ଜୋର୍ ଦିଆଯିବା ବଲି ଆଇଆଇଟି- ଭୁବ୍‌ନେଶ୍ୱର୍ ତର୍‌ଫୁ ସୂଚ୍‌ନା ମିଲିଛେ ।

କନ୍ଧମାଲ୍ ହଲ୍‌ଦି - ୟୁରୋପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କନ୍ଧମାଲ୍‌ନୁ ଭଲ୍ ଗୁଣ୍‌ମାନ୍‌ର୍ କଟ୍‌ରା ହଲ୍‌ଦୀ ପରୀକ୍ଷାମୂଲକ୍ ଭାବେ ୟୁରୋପ୍‌କେ ରପ୍ତାନୀ କରାଯାଇଛେ । ଇଣ୍ଡୋ-ଜର୍ମାନ୍ ଏଏମ୍‌ଡି ପ୍ରକଳ୍ପ ଜରିଏ ୨୨ ମେଟ୍ରିକ୍ ଟନ୍ ହଲ୍‌ଦି କନ୍ଧମାଲ୍‌ନୁ କୋଚି ଦେଇକରି ରପ୍ତାନୀ ହେଇଛେ । କନ୍ଧମାଲ୍‌ର ଗୁମାପଦର କୃଷକ ଉତ୍ପାଦକ କମ୍ପାନୀ ପହେଲାକରି କୃଷି ବ୍ୟବସାୟ ଯୋଜ୍‌ନାଥି ଇ ହଲ୍‌ଦୀ ରପ୍ତାନୀ କରିଥିବା କୃଷିବିଭାଗ୍ ସୂତ୍ରନୁ ଜନାପଡ଼ିଛେ ।

ଜିଲ୍ଲା ଓକିଲ୍ ସଂଘ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଓକିଲ୍ ସଂଘର ସାଧାରଣ ସମ୍ପାଦକ ପଦ୍‌ବୀ ଲାଗି ଆଏଜ୍ ନିର୍ବାଚନ୍ ହେଇଥିଲା । ଇଥି ପ୍ରବୀଣ୍ କୁମାର୍ ସିଂହଦେଓ ସଂଘର ସାଧାରଣ ସମ୍ପାଦକ୍ ଭାବେ ନିର୍ବାଚିତ ହେଇଛନ୍ । ଗଲା ମାସ ୩୦ ତାରିଖ୍ ଦିନ ସଂଘର୍ ଅଲ୍‌ଗା ପଦବୀ ମାନ୍‌କର୍ ଲାଗି ନିର୍ବାଚନ୍ କରାଯାଇଥିଲା ।

ବାନ୍ଧଶିଳ୍ପୀ ମୁରଲୀ ମେହେର-ପରଲୋକ ବର୍‌ଗଡ଼୍

ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ଝିଲ୍‌ମିଣ୍ଡା କପାବାରି ଗାଁର୍ ଜାତୀୟ ପୁରସ୍କାର୍‌ପ୍ରାପ୍ତ ବାନ୍ଧଶିଳ୍ପୀ ମୁରଲୀ ମେହେରଙ୍କର୍ ଗଲାରାତି ୬୮ ବଛର୍ ବୟେସେ ପରଲୋକ ହେଇଯାଇଛେ । ବାନ୍ଧକାମ୍ ଲାଗି ସେ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଏଚ୍.ଡି. ଦେବଗୌଡ଼ା ଆର୍ ଏଛନିର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍‌ନୁ ପୁରସ୍କୃତ ହେଇଥିଲେ ।

ରବି ଧାନ୍ ଘିନା - ବଲାଙ୍ଗିର୍ ପ୍ରେସ୍ ରିଲିଜ୍

ବଲାଙ୍ଗିର୍ ଜିଲ୍ଲା ନ ଆଏବା ମାସର୍ ୨୭ ତାରିଖ୍ ଠାନୁ ଚାଷୀମାନ୍‌କର୍‌ନୁ ରବି ଫସଲ୍‌ର ଧାନ୍ ଘିନା କାମ୍ ମୁଲ୍

ହେବା । ଆଏଜ୍ ଜିଲ୍ଲା ସମ୍ମିଲନୀ କକ୍ଷ ଠାନେ ଜିଲ୍ଲାପାଲ୍ ଗୌରବ ଶିୱାଜୀ ଇସାଲ୍ୱାର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଜିଲ୍ଲାସ୍ତରୀୟ ବୈଠକ୍ ନ ଇ ନିଷ୍ପତି ନିଆଯାଇଛେ । ୯୮ ଟା ପ୍ରାଥମିକ କୃଷି ସେବା ସମବାୟ ସମିତି, ୧୧ ଟା ମହିଲା ସ୍ୱୟଂ ସହାୟକ ସମିତି ତର୍‌ଫୁ ଶହେ ୯ ଟା ଧାନ୍ କ୍ରୟ କେନ୍ଦ୍ର ନ ଧାନ୍ ଘିନାଯିବା । ଶନିବାର୍ ଆର୍ ରଏବାର୍‌କେ ଛାଡ଼ିକରି ଫି ହପ୍ତାର୍ ୫ ଦିନ୍ ଧାନ୍ ଘିନାଯିବା । ଇଥର ରବି ଫସଲ୍‌ର ଧାନ୍ ବିକ୍‌ବାର୍ ଲାଗି ୭ ହଜାର୍ ୮ ଶହ ୬୯ ଝନ୍ ଚାଷୀ ନାଁ ପଞ୍ଜିକରଣ୍ କରିଛନ୍ ।

ଏନ୍‌ସିଇଟି- ଆବେଦନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଜାତୀୟ ଏକକ ପ୍ରବେଶିକା ପରୀକ୍ଷା - ଏନ୍‌ସିଇଟି -୨୦୨୪ ଲାଗି ଆବେଦନ୍ ମୁଲ୍ ହେଇଛେ । ୪ ବର୍ଷିଆ ଇଂଟିଗ୍ରେଟେଟ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍- ଆଇଟିଇଟିଥି ୨୦୨୪ -୨୫ ଶିକ୍ଷା ବଛର୍ ନ ନାଁଲେଖା ଲାଗି ଇ ପ୍ରବେଶିକା ପରୀକ୍ଷା କରାଯିବା । ଇଚ୍ଛୁକ ଛାତ୍ରଛାତ୍ରୀମାନେ ଏପ୍ରିଲ୍ ୩୦ ତାରିଖ୍ ଭିତ୍‌ରେ ଆବେଦନ୍ କରିପାର୍‌ବେ । ଆଉ ଆଏବା ମାସର୍ ୨ ନୁ ୪ ତାରିଖ୍ ଭିତ୍‌ରେ ଆବେଦନ୍ ଫର୍ମ ସଂଶୋଧନ୍‌ର ସୁଯୋଗ୍ ମିଲ୍‌ବା ।

ପାଣିପାଗ                    ଆର୍‌ଏନ୍‌ୟୁ / ସମ୍ବଲପୁର

କାଲ୍‌ବୈଶାଖୀର୍ ବଲେ ଗଲା କିଛି ଦିନ୍ ହେଲା ତାତିନୁ ନିସ୍ତାର୍ ମିଲ୍‌ବାର୍ ଉତ୍‌ରୁ ରାଏଜେ ଫେର୍‌ଘାଏ ଗ୍ରୀଷ୍ମପ୍ରବାହ ମୁଲ୍ ହେଇଛେ । ଆଏଜ୍ ପଶ୍ଚିମ ଓଡ଼ିଶାର୍ ଝାର୍‌ସୁଗୁଡ଼ା, ବଲାଙ୍ଗିର୍, ଭବାନୀପାଟ୍‌ନା, ଟିଟିଲାଗଡ଼୍, ବୌଦ୍ଧ, ନୂଆପଡ଼ା ସହେତେ ରାଜ୍ୟର୍ ୧୮ ଟା ଜାଗା ନ ତାତି ୪୦ ଡିଗ୍ରୀ ସେଲ୍‌ସିଅସ୍‌ନୁ ଉପ୍‌ରେ ରେକର୍ଡ଼୍ କରାଯାଇଛେ ।

ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୦ ତାରିଖ୍‌ତକ୍ ସମ୍ବଲ୍‌ପୁର୍, ବଲାଙ୍ଗିର୍, ସୋନ୍‌ପୁର୍, ବୌଦ୍ଧ, ବର୍‌ଗଡ଼୍, କଲାହାଣ୍ଡି, କନ୍ଧମାଲ୍ ଜିଲ୍ଲା ନ ତାତି ବଢ଼୍‌ବା । ଆଏଜ୍‌ଠାନୁ ୧୮ ତାରିଖ୍‌ତକ୍ ବୌଦ୍ଧ ଆର୍ ସମ୍ବୁଦ୍ରକୁଲିଆ ଜିଲ୍ଲାମାନ୍‌କୁ ଜବର୍ ତାତିର୍ ଲାଗି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।